## OFFICE OF THE TAHASILDAR,PATNA, DIST:- KEONJHAR

**No 35 / Touzi/ Date: 02.01.2020**

To,

The Deputy Director, I&PR Department
Bhubaneswar

Sub: - Publication of Long Term Lease of Minor Mineral in respect of Patna Tahasil

Sir,

In inviting a reference to subject cited above, I am to send herewith the notification in respect of the Long-Term Lease for the period from 2019-20 to 2023-24 for inviting applications from the bidders/ intending applicants.

You are therefore, requested to publish the said notification in widely circulated Odia daily newspaper (Two separate newspapers) in two consecutive dates.

Yours Faithfully
02.01.2020

Tahasildar,Patna
TAHASILDAR
PATNA

Enclosures:- As above

Memo No……36……../Touzi Date 02.01.2020

Copy submitted to the DIO,NIC, Keonjhar for information. He is requested to upload the notification in Keonjhar District portal.

02.01.2020
Tahasildar,Patna
TAHASILDAR
PATNA

Memo No……37…………../Touzi Date 02.01.2020

Copy submitted to the Sub-Collector, Keonjhar for kind information.

02.01.2020
Tahasildar,Patna
TAHASILDAR
PATNA

Memo No……38…………../Touzi Date 02.01.2020

Copy submitted to the Deputy Collector,Touzi, Collectorate Keonjhar for information.

02.01.2020
Tahasildar,Patna
TAHASILDAR
PATNA

Memo No……39…………../Touzi Date 02.01.2020

Copy submitted to the Additional District Magistrate, Keonjhar for information.

02.01.2020
Tahasildar,Patna
TAHASILDAR
PATNA

Memo No……40…………../Touzi Date 02.01.2020

Copy submitted to the Office Notice Board.

02.01.2020
Tahasildar,Patna
TAHASILDAR
PATNA

OFFICE OF THE TAHASILDAR * PATNA *

# ତହସିଲଦାରଙ୍କ କାର୍ଯ୍ୟାଳୟ,ପାଟଣା,ଜିଲ୍ଲା-କେନ୍ଦୁଝର

## ଲଘୁ ଖଣିଜ ସମ୍ପଦ ଲିଜ ନିମନ୍ତେ ବିଜ୍ଞାପନ

ପତ୍ର ସଂଖ୍ୟା......mp.......    ତାରିଖ....2/0P/2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ପାଟଣା ତହସିଲ ଅଧିନସ୍ଥ ନିମ୍ନଲିଖିତ ସୂଚୀ ବର୍ଣିତ ଲଘୁ ଖଣିଜ ଖାଦାନ ଗୁଡିକ ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ୨୦୨୩-୨୦୨୪ ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦି ସୂତ୍ରେ ଅନ୍ୟୁନ୍ୟ ୫(ପାଞ୍ଚ) ବର୍ଷ ପାଇଁ ଲିଜ ଆକାରରେ ତହସିଲଦାର,ପାଟଣାଙ୍କ ଦ୍ୱାରା ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଛି । ଇଛୁକ ବ୍ୟକ୍ତିବିଶେଷ OMMC(Amendment) Rules-2016 ର Form-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଦଲିଲ/କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାଫାରେ **ତା୦୬.୦୧.୨୦୨୦ରିଖ ଠାରୁ ତା୨୨.୦୧.୨୦୨୦ରିଖ ଅପରାହ୍ନ ଘ୫ଟିକା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ଉକ୍ତ ଦରଖାସ୍ତ ଗୁଡିକୁ ତା୨୪.୦୧.୨୦୨୦ରିଖ ଦିନ ଘ୧୧ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇନଥାଏ ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ୨ୟ ଥର ପାଇଁ ତା୩୦.୦୧.୨୦୨୦ରିଖ ଦିନ ଘ୨ଟିକା ସମୟ ପର୍ଯ୍ୟନ୍ତ ଇଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡିକଉକ୍ତ ଦିନ ଘ୪ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ଯଦି ୨ୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇନଥାଏ ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ୩ୟ ଥର ପାଇଁ ତା୦୭.୦୨.୨୦୨୦ରିଖ ଦିନ ଘ୧୨ଟିକା ସମୟ ପର୍ଯ୍ୟନ୍ତ ଇଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡିକ ଉକ୍ତ ଦିନ ଘ୪ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ । ପୂର୍ବ ନିଲାମମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଭାଗ ନେଇ ପାରିବେ ନାହିଁ । କର୍ତ୍ତୃପକ୍ଷଙ୍କର କୌଣସି କାରଣ ନଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ରହିଛି ।

ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟ,ପାଟଣା ତଥା ଜିଲ୍ଲାପାଳ,କେନ୍ଦୁଝରଙ୍କ website: www.Kendujhar.nic.in ରେ ଉପଲବ୍ଧ ଅଟେ ।

02-01-2020

ତହସିଲଦାର,ପାଟଣା

TAHASILDAR
PATNA

# ସର୍ତ୍ତାବଳୀ

୧. ଆବେଦନକାରୀମାନେ O.M.M.C Rule-2016 ର ପରିସରଭୁକ୍ତ ରହିବେ ।

୨. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ପଦାର୍ଥ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩. ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ତିଆରି କରି ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।

୬. ସର୍ବୋଚ୍ଚ ଲିଜଧାରୀ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି Approved Mining Plan & Environmental Clearance ଆଣି ସାରିଲା ପରେ ଦାଖଲ କରିବେ। ସଂପୂର୍ଣ୍ଣ ରାଶି ଦାଖଲ ପରେ ଲିଜଧାରୀ Registration Act,1908 ଓ Stamp Act,1988 ଅନୁଯାୟୀ ଚୁକ୍ତିପତ୍ର( Execution of Lease Deed) ସମ୍ପାଦନ କରିବେ । Approved Mining Plan & Environmental Clearance ର ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୭. ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା୫ ଭାଗ EMD(Earnest Money Deposit) ତହସିଲଦାରଙ୍କ ନାମରେ Demand Draft ଆବେଦନକାରୀ ଦାଖଲ କରିବେ ।

୮. ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ Approved Mining Plan & Environmental Clearance ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।

୯. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୦. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକସ୍ଥଳେ ଦାଖଲ ହୋଇଥିବା ଜମାରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୧. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୨.ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୩. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀଗୁଡିକ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

୧୪.ଯଦି ଉକ୍ତ ବିଜ୍ଞାପନରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୫. ଜମା ରୟାଲଟିର ୨% ପ୍ରତିଶତ ଲିଜଧାରୀ ଆୟକର (TDS) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୬.ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ।

୧୭. ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୮.ସର୍ବାଧିକ ରୟାଲଟି ଦାଖଲ ପାଇଁ ଏକାଧିକଦରଖାସ୍ତ ଆସିଲେ ଲଟେରୀ ଉଠାଣ(Draw of Lots)ମାଧ୍ୟମରେ ଲିଜଧାରୀ ବଛାଯିବ ।

୧୯.ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତଙ୍କ M- Form ଖାରଜ କରି ଦିଆଯିବ ।

୨୦.ଲିଜଧାରୀ ପରିବେଶ ପରିଚାଳନା ପାଇଁ ବାର୍ଷିକ Royalty and Additional Charge ଦେୟର ୫ ପ୍ରତିଶତ Odisha Environmental Management Fund ଏବଂ ୧୦ ପ୍ରତିଶତ District Mineral Fund ପାଇଁ ଚୁକ୍ତି ପୂର୍ବରୁ ଦାଖଲ କରିବେ ।

୨୧. ଲିଜଧାରୀ Royalty and Additional Charge ସହିତ Surface Rent,Dead Rent and Compensatory aforestation Fess ଆଦି ଦେୟ ଯଥା ସମୟରେ ଦାଖଲ କରିବେ ।

02.01.2020

ତହସିଲଦାର,ପାଟଣା
TAHASILDAR
PATNA

## ଦାଖଲ କରିବାକୁ ଥିବା ଦଲିଲ ବା କାଗଜାତ

୧. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦( ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ଦାଖଲ କରିବେ । (ଫେରସ୍ତ ନୁହେଁ)
(Head: "0853-Non-Ferrous Mining and Metallurgical Industry-102- Mineral Concession Fees,Rent & Royalties")

୨. ଆବେଦନ କରିଥିବା ସୈରାତ ଉତ୍ସ ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩. କୌଣସି ମାଇନିଙ୍ଗ ଭରଣା ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

୪. ଆବେଦନକାରୀ ଯେଉଁ ସୈରାତ ଉତ୍ସପାଇଁ ଆବେଦନ କରୁଛନ୍ତି, ତାହାପାଇଁ ଧାର୍ଯ୍ୟ ରୟାଲଟି ରେଟ ତୁଳନାରେ କେତେ ସର୍ବୋଚ୍ଚ ରେଟରେ ନେବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

୫. ଆବେଦନକାରୀ ଯେଉଁ ସୈରାତ ଉତ୍ସପାଇଁ ଆବେଦନ କରୁଛନ୍ତି, ସେହି ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ବାର୍ଷିକ ଉତ୍ତୋଳନ (MGQ) ଲଘୁ ଖଣିଜର Royalty and Additional Charge ର Solvency Certificate/ Bank guarantee ସହିତ ସ୍ଥାବର ସମ୍ପତ୍ତିର ତାଲିକା ପ୍ରଦାନ କରିବେ ।

୬. ଅନ୍ୟ ବିବରଣୀ ଯଥା- ବୈଷୟିକ ଜ୍ଞାନ,ଦକ୍ଷତା,ଯନ୍ତ୍ରପାତି ଓ ଆର୍ଥିକସ୍ଥିତି ଇତ୍ୟାଦି ।

୭. ST/IT Clearance ସାର୍ଟିଫିକେଟର ନକଲ ।

(ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ website: www.Kendujhar.nic.in କିମ୍ବା ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଉପଲବ୍ଧ ଅଟେ)

02.01.2020

ତହସିଲଦାର,ପାଟଣା
TAHASILDAR
PATNA

**ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ**

| କ୍ର. ନଂ | ରାଜସ୍ୱ ମଣ୍ଡଳର ନାମ | ସୈରାତ ଉତ୍ସର ବିବରଣୀ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକର) | ସର୍ବନିମ୍ନ ରୟାଲଟି ମୂଲ୍ୟ Per CuM | ସର୍ବନିମ୍ନ ଧାର୍ଯ୍ୟ ବାର୍ଷିକ ଉତ୍ତୋଳନ (MGQ) | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ରାଜନଗର | ଦେଓଗାଁ ବାଲି ଖଣି | ଦେଓଗାଁ | ୪୮ | ୫୦୦ | ୧୭.୬୪ | ୪୦.୦୦ | ୧୦୦୦୦ କ୍ୟୁ.ମି. | |
| ୨ | ଟାଙ୍ଗରପଡା | ଅଙ୍କୁରା (କ) ପଥର ଖଣି | ଅଙ୍କୁରା | ୨୧୪ | ୩୩୯ | ୧୦.୭୨ | ୧୪୦.୦୦ | 25000 କ୍ୟୁ.ମି | |

ଜ୍ଞାପକ ସଂଖ୍ୟା......୩୨...... ତାରିଖ......୨/୦୧/୨୦୨୦

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ପାଟଣା/ସମସ୍ତ ରାଜସ୍ୱ ନିରୀକ୍ଷକ ମଣ୍ଡଳ,ପାଟଣା ତହସିଲ/ତହସିଲ କାର୍ଯ୍ୟାଳୟ,ପାଟଣାଙ୍କ ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ଲଟକାଇବା ପାଇଁ ଅନୁରୋଧ କରାଗଲା ।

02.01.2020

ତହସିଲଦାର,ପାଟଣା

TAHASILDAR
PATNA

ଜ୍ଞାପକ ସଂଖ୍ୟା......୩୩...... ତାରିଖ......୨/୦୧/୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ,କେନ୍ଦୁଝର,ଉପ-ଜିଲ୍ଲାପାଳ,କେନ୍ଦୁଝରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

02.01.2020

ତହସିଲଦାର,ପାଟଣା

TAHASILDAR
PATNA

ଜ୍ଞାପକ ସଂଖ୍ୟା......୩୪...... ତାରିଖ......୨/୦୧/୨୦୨୦

ଏହାର ଏକକିତା ନକଲ D.I.O NIC,Keonjhar ଙ୍କୁ ଜିଲ୍ଲା-ୱେବସାଇଟରେ ବହୁଳ ପ୍ରସାର ନିମନ୍ତେ ଅପଲୋଡ କରିବାକୁ ପ୍ରେରଣ କରାଗଲା ।

02.01.2020

ତହସିଲଦାର,ପାଟଣା

TAHASILDAR
PATNA